୰ ପୁରୁଷୋତ୍ତମ ଦାଶଙ୍କ କୃତ

ଦୁତୀୟା ଓଷା

ବା

ଦ୍ୟୁତିବାହନ କଥା



ପ୍ରକାଶକ—

ସନ୍ନ୍ୟାସୀ ପୁସ୍ତକାଳୟ

(ପ୍ରୋପ୍ରାଇଟର୍-ଶ୍ରୀ ପ୍ରଭାକର ସାହୁ)

ମୂଲ୍ୟ ଚାରିଅଣା ମାତ୍ର

Digitized by srujanika@gmail.com

ଦୁତିଆ ଓଷା ବା ଦୁତିବାହନ କଥା

ପ୍ରଥମ ଛାନ୍ଦ

ଜୟ ହୁଁ ଜୟ ଧର୍ମ ନିରଞ୍ଜନ । ଜୟ ଜୟ ଧର୍ମ ଦୁତିବାହନ ॥ ଯାହା ନାମ ଗୋଟି ସଂସାରେ ସାର । ଶୁଣିଲେ ନାନା ଦୋଷୁଁ ହୋଇ ପାର ॥ ଦୁତିଆ ଓଷାର ମହିମା ଯେତେ । କଥା ବାଛିକରି ବହାଇ ଗୀତେ ॥ ବାଞ୍ଝୀ ମଣ୍ଡଳି ଅବବାହୀ ନାରୀ । କାଳପୁରୁଷ ପେଟ ବ୍ୟଥା ସ୍ତିରୀ ॥ କୁଳନାଶୀ ମଣ୍ଡଳିଙ୍କ ମେଳେ । ଚନ୍ଦ୍ରଗ୍ରହଣ ଫଳ ବନ୍ଧାଇବ ଲେ ॥ କୁଳଟା ନାରୀ ଯେ ଅକର୍ମୀ ନାରୀ । ଏ ଓଷା କଲେ ସବୁ ଦୋଷୁ ତରି ॥ ଅଛି ଦୁର୍ଗତିରେ ଦୁତିଆ ଓଷା । ପାଇଲ ଲୋକ କରଇ ସହସା ॥ ଆନ ଓଷାରେ ନାହିଁ ଏତେ କାଷ୍ଟା । ଫଳ ପ୍ରାପ୍ତି ହୁଏ ଯେ କରେ ନିଷ୍ଠା ॥ ଦୁତିଆ ଓଷାର ଫଳ ବିଶେଷ । ଭଣେ କହେ ପୁରୁଷୋତ୍ତମ ଦାସ ॥

ଦ୍ୱିତୀୟ ଛାନ୍ଦ

ଆଶ୍ୱିନ କୃଷ୍ଣ ଅଷ୍ଟମୀର ଦିନ । ସପ୍ତମୀରେ ଏକବାର ବିଧାନ ନାନା ବ୍ୟଞ୍ଜନ ଏକୋଇଶ ପୁଣ । ଖିରିପିଠା ଯେତେ ଘୃତାଦ ଅନ୍ନ । ଏକା ଲେଉଟିଆ ଶାଗକୁ ଛାଡ଼ି । ଯେଉଁ ପଦ୍ମା ଯେ ଯାହାକୁ ମିଳି ॥ ଏମାନ ଆଗେ ସମ୍ପାଦ ରଖିବ । ଓଷା ବିଧାନକୁ ଶୁଣିବ ହେବ ॥ ହଳଦୀ ଅଁଳା ସାମଗ୍ରୀମାନ । ଘେନି ଚଳିବ ପୁଷ୍କରିଣୀ ସ୍ନାନ ॥ ଚେଲ ଶିଆଳଙ୍କ ଆଗେ ରଖିବ । ଯୋଷିତ୍ ଜଳକୁ ଓଳାଇ ଦେବ ॥ ବାଲିରେ ଚିଲ ଶିଆଳ ଲେଖିବ ପୁଞ୍ଜିଁ କି ଫୁଲ ଦାନ୍ତକାଠି ଦେବ ॥ ନାନା ସୁଗନ୍ଧି ତାଙ୍କ ଶିରେ ଦେଇ । ନାନା ପ୍ରକାରେ ଯେ ମନ ମନାଇ ॥ ଏମନ୍ତ କରି ତାଙ୍କ ଦେଖିଁ ଦେବ । ସ୍ନାନ କରିଣ ସୂର୍ଯ୍ୟଙ୍କୁ ଦେଖିବ । ସେହୁଁ ଘରକୁ ଆସିବ ବହନ । ପଛକୁ ନ ଚାହିଁ ହେବ ମଗନ ॥ ସକଳ ଦ୍ରବ୍ୟ ରାନ୍ଧିବ ତାହା । ସ୍ନାନ କରିକରି ବାଢ଼ିବ ତାହା ॥ ଦୁତିବାହନଙ୍କୁ ନୈବେଦ୍ୟ ଦେଇ । ତଦନ୍ତେ ଚିଲ ଶିଆଳକୁ ଦେଇ ॥ ଆରଣ ତାହା ଯେ ଭୁଞ୍ଜି ବସିବ । ପୁଣ୍ଡ୍ର ଚିହ୍ନକରି ସେମାନ ଦେବ ॥ ସନ୍ଧ୍ୟା ପ୍ରହର ଯେ ଏହି ପ୍ରକାରେ । ଦୁତି-

Digitized by srujan ka@gmail.com

ବାହାନଙ୍କୁ ଦେବ ନିଶାରେ ॥ ଏମନ୍ତ ହୋଇ ଏକବାର ଯିବ । ଗର୍ଭ
ପାହଲେ ଯେ ଅଷ୍ଟମୀ ହେବ ॥ ସେ ଦିନ କଥା ଅଗୋଚର ରୂପ ।
ପୂଜା ବିଧାନର କହି ସ୍ୱରୂପ ॥ ପାଣି ପଣାମାନ ଠୁଲେ ନ ଖାଇ । ରନ୍ଧନ
ଦ୍ରବ୍ୟ ଯେ କିଛି ନ ଛୁଇଁ ॥ ପ୍ରଭାତରୁ ସ୍ନାନ କରିବ ଯାଇ । ଚଲ ଶିଆଳଙ୍କୁ
ସେମାନ ଦେଇ ॥ ବେଳ ବୁଡ଼ିଯାଏ ନିର୍ଜଳ ହେବ । ଆପଣା ଅଦୃଷ୍ଟ
କାଷ୍ଠାରେ ଥିବ ॥ ରହିଥିବ ଭୂମେ ପାଣି ନ ଦେଇ । ଯେ ସ୍ଥାନ ନିର୍ମଳ
ଦେଖିବ ଯାଇ ॥ ଜାଣିବା ଲୋକେ କୋଷ୍ଠି ସଜାଡ଼ିବ । ତୁଳସୀଚଉରା
ମୂଳରେ ଥିବ । ଗୃହକୋଣିଆ ପୋଖରୀ ଖୋଳିବ । ମଧ୍ୟରେ ଦୀପଦାଣ୍ଡୀ
ରଖିଥିବ ॥ ଦୀପଦାଣ୍ଡୀରେ କଦଳୀ ଲଗାଇ । ଧୂକ୍ତବାହାନ ବର୍ତ୍ତି ତାକୁ
କହି ॥ ବାଷ୍ଟୀ ମଣ୍ଡଳ୍ଟ ପୂର୍ବ ଦୋଷ ପାଇଁ । ଦକ୍ଷିଣେ ସ୍ଥାପିବ ବିଡ଼ାଳ
ନେଇ ॥ ବାସ ଜୁଇଡ଼ାଳ ଆଣି ସତ୍ୱରେ ଯତନେ ରୋପିବ ଢିହିଁ
ଧାଖରେ ॥ ରଙ୍ଗ ଦଳ ଧଳା ମୁକୁଜ କରି । ସୂର୍ଯ୍ୟଙ୍କୁ ପୂର୍ବେ ଲେଖିବ
ଆଦରି ॥ ଉତ୍ତରେ ଲେଖିବ ଚଲ ଶିଆଳ । ପଶ୍ଚିମେ ଧୂକ୍ତବାହନଙ୍କ ପୁର ॥
ସମସ୍ତେ ସ୍ନାନ କରି ଆସିଥିବ । ଶୁଦ୍ଧ ଶରୀରେ ସୁବେଶ ହୋଇବ ॥ ସମସ୍ତେ
ପିନ୍ଧିବ ଶୁକ୍ଳ ବସନ । ସିନ୍ଦୂର କଜ୍ଜ୍ୱଳ ଦେବ ବିଧାନ ॥ ନିଆଁ ଲହୁଡ଼ା
ଢିହିଁ ଲଗିବ ନାହିଁ । ପୂଜା ଦ୍ରବ୍ୟମାନ ଥିବ ଭରାଇ ॥ ଆମ୍ବ କନ୍ଦମୂଳ
ନଡ଼ିଆ ମୁଗ । ପାଚିଲ କଦଳୀ ସୋଲ ନାରଙ୍ଗ ॥ ବଡ଼ଚଣା ମୂଳା
ପାନ କାକୁଡ଼ି । ମକା କରମଙ୍ଗା ନଅରକୋଳି ॥ ଉଆଉ ଜାମ୍ବିଳ ଲେମ୍ବୁ
କମଳା । କରଞ୍ଜ କୋଳି ଯେ ପଦ୍ମପୁଷ୍କର ॥ ଜହ୍ନି କଖାରୁ ଗୁଆ ଆଦି
ଯେତେ । ଏକୋଇଶ ଦ୍ରବ୍ୟ ଏହି ସଂଯୁକ୍ତେ ॥ ଗୃହଁଡ଼ା ଗୋଟିକ କେଳ
ଭରି । ନୂଆ ବସ୍ତ୍ରନକୁ ପାହାଡ଼ା କରି ॥ ଗୁଆ ଘିଅରେ ଦୀପକୁ ଜାଳିବ ।
ଗୃହଁଡ଼ା ରଖିଣ ଉଭା ହୋଇବ ॥ ଯେତେ ଲୋକଙ୍କର ପାହାଡ଼ା ଥିବ ।
କୋଠି ଗୃହପାଖେ ବେଢ଼ାଇ ଦେବ ॥ ଏକୋଇଶ ଗଣ୍ଡା କଉଡ଼ି ଗୁଆ ॥
ଆଗ କୋଠିରେ ପକାଇବ ତାହା ॥ ଏଥୁ ଊଣା କଲେ ବିଧି ନୁହଇ ।
ଦୁଃଖୀଲୋକ ରହି ସମସ୍ତ ହୋଇ ॥ କଉଣସି ଆଡ଼େ ମନ ନ ଦେବ ।
କଥା ଶୁଣିଲେ ହୁଳହୁଳି ଦେବ ॥ ଦ୍ୱିତୀୟ ଛନ୍ଦ କଥା ହେଲା ଶେଷ ।
ସର୍ବେ ହୁଳହୁଳି ଦିଅ ବିଶେଷ ॥

Digitized by srujan ka@gmail.com

ତୃତୀୟ ଛାନ୍ଦ

ଏଥୁଅନନ୍ତରେ ଶୁଣ ସେ କଥା । ଧୂଷ୍ଟବାହନଙ୍କ ଯେତେ ବ୍ୟବସ୍ଥା
ସୂର୍ଯ୍ୟମଣ୍ଡଳ ବୋଲି ଏକ ଗ୍ରାମ । ସେ ଗ୍ରାମେ ଅଛନ୍ତି ଯେତେକ ଜନ ॥
ଛତିଶ ପାଟକେ ବସନ୍ତି ପ୍ରଜା । ସୁରକ୍ଷିତ ବୋଲି ଏକଇ ରାଜା ॥ ନାନା
ସମ୍ପତ୍ତିରେ ବଢ଼ଇ ଧନ । କାହାର ବଢ଼ଇ ନାହିଁ ସନ୍ତାନ । ଦୁର୍ଲକ୍ଷି
ବୋଲି ଏକଇ ବ୍ରାହ୍ମଣୀ । ବାଳୁତ ବିଧବା ହୋଇ ତରୁଣୀ ॥ ସର୍ବଗୁଣେ
ସୁଲକ୍ଷଣୀ ସେ ଗୋରୀ । ରମା ପାରବତୀ ରତି କି ଅବା ॥ ସୂର୍ଯ୍ୟଙ୍କୁ ତା
ମନେ ବଡ଼ ଭକତି । ସୂର୍ଯ୍ୟଙ୍କୁ ଦେଖି ସ୍ତୁତି କରେ ନିତି ॥ ସପନା ନାମେ
ତାହାର ପୋଇଲୀ । କାମ୍ୟା କରନ୍ତି ସର୍ବଲୋକ ବୋଲି ॥ ଏମନ୍ତେ ତହିଁ
ଗଲା କେତେ ଦିନ ॥ ବରଷାକାଳେ ରାଜା କୋଠ୍ୟାନ ॥ ଡକାଇଲେ
ସବୁ କୁଟୁଣୀଙ୍କି । ଧାନକୁଣ୍ଡା ଦେଲେ ସେ ବ୍ରାହ୍ମଣୀଙ୍କି । ରାଜା ନଅରେ
କୋଠଣ୍ଡା ହେବ । ଗୃହବଧୂନେ ସବୁ ଗୃହଳ ଦେବ ॥ କେହି ନ
କୁଟିଲେ ବରଷା କଲା । ବ୍ରାହ୍ମଣୀ ବଡ଼ ଚିନ୍ତିକା ହୋଇଲା ॥ ବେଳହିଁ
କୁଟି କରିଥାନ୍ତା ଯେବେ । କୋଠ୍ୟାନ କପା ଆସନ୍ତା ତେବେ ॥ ରାଜା
କପୋଗ କେ ଠଣ୍ଡା ହେବ । ଗୃହବଧୂନେ ସବୁ ଗୃହଳ ନେବ ॥ ବୁଦ୍ଧି
ନ ଦିଶଇ କହିବ କାହା । ହେ ଧର୍ମଦେବତା ହୁଅ ତୁ ସାହା ॥ ଆଜିକ
ମୋ ଘରେ କର ତୁ ଖରା । ମୁଁ ପରା ଅଟଇ ତୁମ୍ଭର ଦାରା ॥ ଶୁଣିଣ ଧର୍ମ
ସନ୍ତୁଷ୍ଟ ହୋଇଲେ । ଖରା କଲା ଧାନ ସୁଖାଇ ଦେଲେ ॥ ଏମନ୍ତ ଯେ
ସତ୍ୟ ବ୍ରାହ୍ମଣୀ କଲା । ସତ୍ୟ କରି ପୁଣ ଅସତ୍ୟ ହେଲା ॥ ସତ୍ୟ କରିଛି
ଆଦିତ୍ୟ ଅବଧି । ମନେ ବିଚାରିଲା କପଟ ବୁଦ୍ଧି ॥ ସପନା ନାମେଣ ତାହାର
ଦାସୀ । ତାକୁ କରାଇଲା ସୁବେଶ ବସି ॥ ନାନା ଅଳଙ୍କାରେ ଭୂଷିତ କରି
ପାଟେ ଉପରଣି ପାଟେ ପନ୍ଦରି ॥ ଯେଉଁ ଖଟରେ ସୁଏ ବ୍ରାହ୍ମଣୀ । ଦାସୀ
ଶୁଆଇଲା ତହିଁରେ ଆଣି ॥ ଆଗତ କରି ଦାସୀକି ବୋଲଇ । ପୁରୁଷ
ଆଇଲେ ଉତ୍ତରୁ ନାହିଁ । କିଛି ନ କହ ତୁନି ହୋଇଥିବୁ । ମାଗିଲା
ମାନଙ୍କ ଦେଇ ତୁ ଦେବୁ ॥ ଏହା କହି ଧୁହେଁ ଗୋଇଠିଲ ଯାଇ ।
ବାଟଜ କଲେ ଯାଇଁ ଛମୁାର ସାଇଁ । ଦେଖିଲେ ବ୍ରାହ୍ମଣୀ ସେଠାରେ ନାହିଁ ।
ପୋଇଲି ଶୋଇଛି ସୁବେଶ ହୋଇ ॥ ତେଜରେ ରବି ଜାଣି କେଣେ ପାଇ
ସେ ଅନ୍ତର୍ଯ୍ୟାମୀଙ୍କି ଉଭାର ନାହିଁ ॥ ଆତ୍ମ କି ଛୁଇଁଲୁ ଦାସୀର ଅଙ୍ଗ ।

Digitized by srujan ka@gmail.com

ଏତେକ ବଚନ ବାହୁଡ଼ିଲେ ବେଗ ॥ ସେହୁ ବ୍ରାହ୍ମଣୀ ଅଗଣା ଭିତରେ ।
ପ୍ରସାବ କଲେ ଲେଉଟିଆ ମୂଳେ ॥ ଜଗତେଶ ପ୍ରଭୁ ଚଳାଇଲେ ଭୁବନ ।
ପୁଣି କଣି ପାହି ଉଦୟ ଦିନ ॥ ବ୍ରାହ୍ମଣୀ ଉଠି ଦାସୀକି ପୁଛିଲା । କହ
ଲୋ ରାତିରେ କେ ଆସିଥିଲା ॥ ଦାସୀ ବୋଇଲା ମୁଁ ଜାଣଇ ନାହିଁ ।
ଦେଖିଲି ରାତିରେ ଖଟ ଥିଲା ଉଇଁ ॥ ଫେଡ଼ି ଦାସୀକି କିଛି ନ କହିଲା ।
ଲେଉଟିଆ ଶାଗ ବାଟି ରହିଲା । ଦାସୀକି ବୋଇଲା ଯାଅ ତୁ ବେଗ ।
ଅନାବନା କରି କର ତୁ ଶାଗ ॥ ଦାସୀ ଏମାନ କିଛି ନ ଜାଣଇ ॥
ଲେଉଟିଆ ଶାଗ ତୋଳିଲା ପାଇଁ ॥ ପଥ ବେଳରେ ସ୍ନାନ ସେ ସାରିଲା ।
ଶାଗ ଖରଡ଼ ବ୍ରାହ୍ମଣୀ ଖାଇଲା ॥ ଅଷ୍ଟମୀ ବୀଜ ଯେ ହୋଇଲା ଷଦ୍ଧୁ ।
ବ୍ରାହ୍ମଣୀର ହେଲା ଗର୍ଭ ଉଦୟ ॥ ରାଜାଙ୍କ ଛାମୁରେ କହିଲେ ଯାଇ ।
ଧରିଇ ନେଲେ ଦଣ୍ଡିବାର ପାଇଁ ॥ ଦିନକର ହେଲେ ଯାହାର ପଞ୍ଚ
ଦଣ୍ଡିବାକୁ ତାକୁ କାହା ଶକତ ॥ ମୁହଁ ନ ଚାହିଁବା ଦଣ୍ଡକୁ ଦେଲେ ଗ୍ରାମୁ
ବାହାର ତାକୁ କରି ଦେଲେ ॥ ଗ୍ରାମ ବାହାରେ କଲା ଏକ ଘର ।
ଅନ୍ତୁ ସ୍ତ୍ରୀ ବୋଲୁଛନ୍ତି ନର ॥ ଦଶମାସ ଯହୁଁ ହେଲା ସମ୍ପୂର୍ଣ୍ଣ ।
ଆଶ୍ୱିନ କୃଷ୍ଣ ଅଷ୍ଟମୀର ଦିନ ॥ ମୂଳା ନକ୍ଷତ୍ର ଅଟଇ ସେ ଦିନ । ବେଳ
ଉଦୟକୁ ଜାତ ନନ୍ଦନ ॥ ମିଥୁନ ଲଗ୍ନରେ ଜନମ ହୋଇ । ଦୁତିବାହନ
ଯେ ନାମ ବୋଲଇ ॥ ଦିନକୁଦିନ ବଢ଼ଇକୁମର । ଶୁକ୍ଳପକ୍ଷରେ ଯେସନ୍ତେ
ଶଶିଧର ॥ କାମଦେବ ପ୍ରାୟେ ଶୋଭି ବଢିଲା । କହୁକହୁ ପାଞ୍ଚବରଷ ହେଲା ॥
ପଢ଼ା ଆରମ୍ଭିଲେ ଚାଟଶାଳୀରେ । ଅଭ୍ୟାସ ହୋଇଲା ନାନା ବିଦ୍ୟାରେ॥
ଏକ ଦିନକରେ ବସନ୍ତେ ପଢ଼ି । କୁମର ହାତୁ ଖଡ଼ି ଗଲା ଗଡ଼ି ॥ ସେ
ସାଧୁ ପୁଅକୁ କହିଲା ଡାକ । ଖଡ଼ି ବଢ଼ାଇ ମୋହର ଦେବ କି । ଦୋ-
ସାଧୁ କୁମର ଶୁଣି ବୋଇଲା । ଅଣବାପୁଅର ଖଡ଼ି ଗଡ଼ିଲା ॥ ତାହା ଶୁଣି
ଦୁତିବାହାନ ସେତେବେ । କାନ୍ଦି ଫେରିଗଲେ ମାଆଙ୍କ ପାଖେ ॥ ମାଆ
ବୋଇଲେ ରେ ଦୁତିବାହାନ । କାହିଁକି ଭୁକିଛୁ ରଙ୍କୁଣୀଧନ ॥ ଭାଙ୍ଗି
ଗଲେ ପୁଣି ଗଢ଼ାଇଦେବ । ହଜିଥିବ ଯେବେ ଖୋଜି ଆଣିବ ଶୁଣ ତୁ
ଅସତୀ ମୋ ବାପନାହିଁ । ଧିକଜୀବନ ଧରିବି କପାଇଁ ॥ ବୋଇଲା ବ୍ରାହ୍ମଣୀ
ଶୁଣରେ ପୁତ୍ର । ଜଗନ୍ନାଥ ଅଟନ୍ତି ତୋ ତାତ ॥ ସନ୍ଧ୍ୟାକର ମଣ
ପାହିଲେ ରାତି । ସକାଳେ ଦେଖିବୁ ଯେ ମୋର ପତି ॥ କଣି ପାହିଣ

Digitized by srujan ka@gmail.com

ପ୍ରଭାତ ହୋଇଲା । ପୂର୍ବଦିଗରୁ ସୂର୍ଯ୍ୟ ଉଇଁଲା ॥ ମାତା ବୋଇଲେ ଦେଖରେ ନନ୍ଦନ । ତୋର ପିତା ଏହି କର ଦର୍ଶନ ॥ ସୂର୍ଯ୍ୟଙ୍କୁ ଦେଖି ନମସ୍କାର କଲା । ମାତା କିପାଁ ମୋର ଅସତହେଲା ॥ ପିତା ବୋଇଲେ ରେ ତୁ ବାବୁ ଯା ଯା । ତୋ ମାତା ସଂସାରେ ପାଇବ ପୂଜା ବାଞ୍ଛି ମଣ୍ଡଳଙ୍କ ଦଶା ଫିଟିବ । ତାକୁ ସେବା କରି ବର ପାଇବ ॥ ତୋ ମାତା ସଂସାରେ ସତୀ ହୋଇବ ॥ ଏ ପୁଣ୍ୟ ଓଷା ଜଗତେ ରହିବ । ଆଶ୍ୱିନମାସ କୃଷ୍ଣ ଅଷ୍ଟମୀରେ । ଏ ଓଷା କରିବେ ସଂସାରେ ନରେ ॥ ଏହା କହି ସୂର୍ଯ୍ୟ ମେଲାଣି ହେଲେ । ବସନ ଭୂଷଣ ବହୁତ ଦେଲେ । ଜନ୍ମଛନ୍ଦ କଥା ଶେଷ ହୋଇଲା । ପୁରୁଷୋତ୍ତମ ଦାସ ଭକ୍ତ କଲା ॥

ଚତୁର୍ଥ ଛାନ୍ଦ

ଏଥୁ ଅନନ୍ତରେ ଶୁଣ ହେ ନର । ମାତାକୁ ଆସି ଭେଟିଲେ କୁମର ଯେତେକ ବଚନ ପିତା ଥିଲେ ଭାଷି । ଜନନୀ ଛାମୁରେ କହିଲା ଆସି ॥ ଚନ୍ଦ୍ରମେଘୀ ପାଟ ସୁବର୍ଣ୍ଣ ବାହି । ପଦକ ନୂପୁର ମେଖଳା ତହିଁ ॥ ପିତାଙ୍କ ଠାରୁ ଯେତେକ ଆଣିଥିଲେ । ମାତା ସମସ୍ତ ଭୂଷିତ ହୋଇଲେ ॥ ଦେବ-ସ୍ତ୍ରୀ ବୋଲି ସକଳ ଜନ । ଦୁତିଆ ଓଷା କଲେକ ବନ୍ଦନ ॥ ସେହି ଦିନରୁ ହୋଇଲା ବିଖ୍ୟାତ । ଦୁତିଆ ନାମେ ଯେ ଏ ଓଷା ବ୍ରତ ॥ ଯେ ଅବା ନିଷ୍ଠାରେ ଓଷା କରଇ । ଧନବନ୍ତୀ ପୁତ୍ରବନ୍ତୀ ହୁଅଇ ॥ ଏମନ୍ତ ହୋଇ ଗଲା କେତେ ଦିନ । ଏଥୁ ଅନ୍ତରେ ଶୁଣ କଥାମାନ ॥ ଦୁତିଆ ଓଷା ପୂଜିବାର ବେଳେ ଚାଲି ଶିଆଳ ଥିଲେ ଗଛ ପରେ ॥ ଦୁହେଁ ହିହାହିହି ହୁଅନ୍ତି ପୁଣି । କି ଓଷା କରନ୍ତି ସର୍ବ ତରୁଣୀ ॥ ଏମନ୍ତ କାହାକୁ ଆନରେ ନ ଦେଖି । ଦୁଇଭଉଣୀ କହିବାକୁ ଦେଖି ॥ ଏମନ୍ତ ବୋଲି ସେ ବାହୁର କଲେ ଓଷାଇତମାନେ ଯାହା ପୂଜିଲେ ॥ ତାଙ୍କ ଗୃଗାଡ଼ା ଗୃପା ଗୃପି ଯେତେ । ତାଙ୍କ ମଳକୁଟି ସ୍ନାନ ନିମନ୍ତେ ॥ ସେମାନ ଯେବେ ଯେ ସ୍ନାନ ସାରିଲେ । ଗଛ ପରେ ବସି କଥା ଶୁଣିଲେ ॥ ପୂଜା ସାରିଗଲେ ଯେ ଯାହା ଘର । ଏ ଦୁହେଁ ରହିଲେ ଗଛ ଉପର ॥ ଚାଲିଟି ରହିଲା ଗଛ ଉପରେ । ଶିଆଳୀ ପଶିଲା କ୍ରୋଡ଼ ଭିତରେ ॥ ସବୁ ଓଷାଇତୀ ପୂଜିବା-ବେଳେ । ଶିଆଳୀ ନିହିଲା ମଦନ ହେଲେ ॥ ବୋଇଲା ଭଡ଼ ଖାଇ ମେଲା

Digitized by srujan ka@gmail.com

ହୋଇ । ମିଛେ ଅଛନ୍ତି ହୁଳ ହୁଳି ଦେଇ ।। ଏମନ୍ତ ବୋଲି ନନ୍ଦା ଗର୍ବ କଲା । ଅକାଳେ ପୁତ୍ର ଗୋଟି ତାର ମଲା ।। ଭଉଣୀ ସଙ୍ଗେ ଓଷା ପାଳି-ଥିବ । କୋରଡ଼େ ଥାଇ ମାଉଁସ ଖାଇବ ।। ଚିଲ ସଙ୍ଗରେ ଡ଼ାଳେ ନ ବସି । କ୍ରୋଡ଼ ଭିତରେ ପଶିଲାକ ଆସି ।। ମାଂସ ଗନ୍ଧ ପାଇ ବିକଳ ହେଲା । ରଡ଼ମଡ଼ କରି ଗୈବାଇ ଦେଲା ।। ଚିଲ ଡ଼ାକଦେଲା ଆଗଲା ଭଉଣୀ । ରୁଡୁ ମୁଡୁ କରି ଗୈବାଉ ପୁଣି ।। ଶିଆଳୀ ବୋଇଲା ନାହିଁ ତ କିଛୁ । କିସ ଖାଇବ ମୁଁ ଓଷା କରିଛୁ । କାଷ୍ଠାରେ ତହୁଁ ମୁଁ ସ୍ନାନ କଲଟି । ଶୀତେ ଥରହର ହେଉଛୁ ପାହି ।। ଶିଆଳୀ କ୍ରୋଡ଼ରେ ମାଂସ ପାଇଲା ।। ଚିଲଟି ଡ଼ାଳେ କାଷ୍ଠାରେ ରହିଲା ।। ଏମନ୍ତେ ସେ ଯହୁଁ ସନ୍ଧ ପାହିଲା । ଚିଲ ପାଗରେ ଶିଆଳୀ ମିଳିଲା ।। ବୋଇଲା ମୋ ଘରେ ତୁ ଓଷା କଲେ । ଶୋଇଲାଠାରୁ ନ ଉଠିବୁ ଭଲେ । ଚିଲ ବୋଇଲା ନୋହିଲା ଭଉଣୀ । ରାତ୍ରେ ଉଜାଗର ବସିଛୁ ପୁଣି ।। ଏମନ୍ତେ ତହୁଁ ଗଲା କିଛି ଦିନ । କାଳ ବଶରେ ହୋଇଲା ମରଣ ।। ଦୁଷ୍ଟବାହାନ କାଷ୍ଠା ଓଷା ଫଳେ । ଦୁହେଁ ଜନ୍ମ ହେଲେ ଉତ୍ତମ କୂଳେ ।। ଶିଆଳୀ ଯେ ଅଟେ ବଡ଼ ଭଉଣୀ । ମନ୍ତ୍ରୀ ବଧୂ ହେଲା ତାହାକୁ ପୁଣି ।। ଚିଲ କପାଳେ ଏମନ୍ତ ଘଟିଲା । ସାଧବେ ବରି ସାଧବାଣୀ ହେଲା ।। ପୁଣି ସମ୍ପତ୍ତି ତା ଅନେକ ହୋଇ । ମନ ସୁଖରେ ଆନନ୍ଦରେ ଥାଇ ।। ଶିଆଳୀ ଯହୁଁ ବ୍ରତ ଖଣ୍ଡ କଲା । ଗତେ ଜନ୍ମପାଏ ମଡ଼ଛୁ ହେଲା । ଦୁତିଆ ଓଷାର ମହିମା ଯେତେ । ପୁରୁଷୋତ୍ତମ ଦାସ କହେ ଗୀତେ ।।



ପଞ୍ଚମ ଛାନ୍ଦ

ଏଥୁ ଅନନ୍ତରେ ଶୁଣ ଦେବୀବାଣୀ । ପୁଣି ଯାହା କଲେ ଦୁଇ ଭଉଣୀ ।। ଚିଲଟି ଯହୁଁ ମହାକାଷ୍ଠା କଲା । ଧନବନ୍ତ ପୁତ୍ରବନ୍ତ ହୋଇଲା ମହା ସୁନ୍ଦର ଏକୋଇଶ ପୁତ୍ର । ଦାସ ଦାସୀ ସେବାକାରୀ ବହୁତ ।। ଅନେକ ବୋଇତ ଅନେକ ଧନ । ସେବା କରନ୍ତି ନାନା ପରିଜନ । ଶିଆଳୀ ହୋଇଲା ମନ୍ତ୍ରୀ କାମିନୀ । ବ୍ରତ ଅଭାଗୀ ପୂର୍ବ ପାପ ଘେନି ।। ଅନେକ କୁମର ଜାତ ହୁଅନ୍ତି । ମଡ଼ଛୁ ଦୋଷେ କେହି ନ ବଞ୍ଚନ୍ତି ।। ନିରତେ ନୟନୁ ଅଶ୍ରୁ ଗଳଇ । ବେଶ ବସନ କିଛି ନ ସୋହାଇ ।। ସାନ

Digitized by srujan ka@gmail.com

ଭଉଣୀ ପୁତ୍ରମାନେ ଦେଖି । ମନରେ ହୋଇଲା ବହୁତ ଦୁଃଖୀ ।। କେମନ୍ତ ପ୍ରକାର ଧର୍ମ ସେ କଲା । କାହିଁ ମୋ ସଙ୍ଗେ ମଙ୍ଗଳ ନୋହିଲା ।। ମନରେ ପଡ଼ିଲା ଭଉଣୀ ପୁଣି । ପୁତ୍ରମାନଙ୍କୁ କହେ ସାଧବାଣୀ ।। ନନ୍ଦ ଯାଉଥିବ ମାଉସୀ ଘର । ତୁମ୍ଭଙ୍କୁ ଦେଖି ତା ଦୁଃଖ ପାସୋର ।। ଡ଼ାକଲେ ତୁମ୍ଭଙ୍କୁ ବସିବ କୋଳେ । ବଡ଼ ମାଉସୀ ମାଙ୍ଗିଠାରୁ ବଳେ ।। ଏହା ବଗୃର ପୁତ୍ରକୁ ପଠାଇ । ମନ୍ତ୍ରୀ ଝିଉଯା ତାହା ନ ଜାଣଇ ।। ବୋଇଲେ ଦେଖିଣ ଗୃହାଣି ପାଇଁ । ପୁତ୍ରକୁ ଦେଉଥାଇ ପଠାଇ । ମୋହପର ସେହୁ ମଙ୍ଗଳ ହେଉ । ଦେଖିବା ଗୃହିଁବା ମୋହର ନୋହୁ ।। କପଟ କରି ପୁତ୍ର ମାନ ମାରି । ମାଂଶକୁ ଯେ ଦେଖାଇବ ତାହାରି ।। ଏମନ୍ତ ବୋଲି ପାଞ୍ଚଇ ସତୁଣୀ । ଦାସୀକି ବୋଲଇ ବିଶ୍ୱାସ ବାଣୀ ।। ଏବେ ସ୍ନେ ଦାସୀ କର ମୋର ବୋଲ । ଭଉଣୀ ପୁତ୍ରକୁ ମାରିବା ଚାଲ ।। ଏମନ୍ତ ସମୟେ ପୁତ୍ରଗ୍ର ମାନେ । ମାଉସୀ ପାଶେ ମିଳିଲେ ବହନେ ।। ବୋଇଲା ବାବୁରେ ଏଣିକି ଆସ । ଖାଇବାକୁ ଦେବି ଦ୍ରବ୍ୟ ପଣସ ।। ବାଳକମାନେ ଯେ ସଢ ମଣିଲେ । ଯେଣିକି ଡ଼ାକଲେ ସେଣିକି ଗଲେ ।। ଗମ୍ଭୀର ଘର ଉହାଡ଼କୁ ନେଇ । ଗୋଟି ଗୋଟି କରି ମୁଣ୍ଡ କାଟଇ ।। ସବୁଙ୍କୁ କଲା ଦୁଇ ଦୁଇ ଖଣ୍ଡ । ସ୍ୱରୂପ ନୁହଇ ମାୟାରପିଣ୍ଡ ।। ବାଳକ ନେଇ ମାରିବାର ବେଳେ ଦୁତିବାହନ ଜାଣି ଯୋଗବଳେ ।। ମାୟାରେ ନେଇ ସେମାନଙ୍କୁ ହରି । ମାୟା କୁମରକୁ ମାଉସୀ ମାରି ।। ଏବେ ତାହାର ସବୁ ପୁତ୍ର ମଲା । ମୋହ ପସମ୍ଭେ ମଙ୍ଗଳ ହୋଇଲା ।। ଦାସୀକି ବୋଇଲା ସବୁରି ମୁଣ୍ଡ । ଗୁଙ୍ଗୁଡ଼ା ଗୋଟିଏ କର ତୁ ତୁଣ୍ଡ ।। ଦାସୀମାନେ ପୁଣି ଏମନ୍ତ କଲେ । ଗୁଙ୍ଗୁଡ଼ିରେ ମୁଣ୍ଡ ପୁରାଇ ନେଲେ ।। ଉପରେ ଝୀନ ବସନ ଘୋଡ଼ାଇ । ସାଧବାଣୀ ଦ୍ୱାରେ ମିଳିଲେ ଯାଇ ।। ପୋଇଲୀ ବୋଲେ ଆଗୋ ସାଧବାଣୀ । ଯୋଗାଡ଼ ଦେଇଛି ତୁମ୍ଭ ଭଉଣୀ ।। ଆପଣ ଆଗେ ନୟନରେ ଦେଖ ପୁଅଙ୍କ ପାଇ ସାଇତଣ ରଖ ।। ସାଧବାଣୀ ବୋଲେ ଭଉଣୀ ମୋର ।। ଭଲେ ଅଛନ୍ତି କି କହ ନିକର ।। ଦେଖଇସିନା ଥୋଇ ଥାଅ ଘରେ । ପୋଇଲୀ ରଖିଲା ଭିଡ଼ି ଉପରେ ।। ସାଧବାଣୀ ପୁଅ ସ୍ନେ ମରିଥିଲେ । ଗୋଟି ଗୋଟି ହୋଇ ଘରେ ଆସିଲେ । ଦୁତିବାହାନ ରଖିବେ ଯାହାକୁ । ମାଉସୀ ମାନ କି ମାରିବ ତାକୁ ।। କେ କୋଉଠି

Digitized by srujan ka@gmail.com

କେ କାନ୍ଧେ ବସିଲେ ଯାଇ । ମାଉଙ୍କୁ ମାଗିଲେ ଖାଇବା ପାଇଁ ।। ମାଉ
ବୋଇଲେ ଶୁଣରେ କୁମର । ଯୋଗାଡ଼ ଦେଇଛି ମାଉସୀ ତୋର ।।
ଦୁଧବାହାନକୁ ଲାଗି କରିଅ । ଯାହା ଦେଇଛି ତା ବାଣ୍ଟିଣ ଖାଅ ।।
ଯେଉଁ ପଦାର୍ଥ ଗୃହଭଣ୍ଡାରେ ଥିଲା । ମୁଣ୍ଡଯାକ ସବୁ ନଡ଼ିଆ ହେଲା ।
ନଡ଼ିଆ ଯାକ ଭାଙ୍ଗିଣ ଖାଇଲେ । ସ୍ୱପନ ପରି ସବୁ ପାଶୋରିଲେ ।।
ବଞ୍ଚିଲେ ଯେ ପୋଏ ଏଡ଼ମରଣ । ଦୁତିଆଓଷାର ଏତେକ କାରଣ ।। ଓଷା
କରିଥିବ ଯେଉଁ ତରୁଣୀ । ନଡିଆଟୁଇଁ ପକାଇବ ପୁଣି । ପଞ୍ଚମଛାନ୍ଦ କଥା
ହେଲା ଶେଷ । ଭଣେ କହେ ପୁରୁଷୋତ୍ତମ ଦାସ ।।

ଷଷ୍ଠ ଛାନ୍ଦ

ଏଥୁ ଅନ୍ତରେ ମନ ଦେଇ ଶୁଣ । ଦୁଧବାହନଙ୍କ ମହିମା ପୁଣ ।
ନିଛରିଗ କଙ୍କଣ ସବୁ କୁମର । ହାତେ ସୁନାଖଡୁ ପାଦେ ନୂପୁର ।।
କାହାମୁଣ୍ଡେ ବେଣୀ କା ମୁଣ୍ଡେ ଜୁଡ଼ା । କେଉଁ ପୁଅଗୋଟି ବାଳଝାମ୍ପୁଡ଼ା ।।
ତେଲ ହଳଦୀ କେବା ଜରଜର । କେବଣ ପୋଏ ଧୂଳିରେ ଧୂସର ।।
କେ ଅବା ଗୃହ ନ ଜାଣଇ ଦାଣ୍ଡ । କେଉଁ ପୁଅ ଗୋଟି ଦରୁଛି ହଣ୍ଡ ।।
ପୁଅମାନଙ୍କୁ ମାଉସୀ ଦେଖିଲେ । ପୁଲକ ହୋଇ ସେ କଲ୍ୟାଣ କଲେ ।।
ଆସ ମୋ ବାବୁ ଭଲ ହୋଇଥାଅ । ଜାଈଫୁଲ ପରି ଆୟୁଷ ପାଅ ।।
ମୁଣ୍ଡୁଁ କାଢିଲି କାଳ ଅଇଲା । ପୁଣି ମାରିବବୋଲି ବଗୃରିଲା ।। କପଟେ
ବୋଇଲା ଆସରେ ବାବୁ । ତୁମ୍ଭେ ଖାଇବାକୁ ରଖିଛି ସବୁ ।। ଯେଉଁ-
ଠାବରେ ନ ଦେଖିବେ କେହୁ । ବାଳକମାନଙ୍କୁ କଡ଼ାଇ ନେଇ ।। ଖଣ୍ଡ
ଖଣ୍ଡ କରି ଖଣ୍ଡାରେହାଣି । ଦାସୀକି ଡାକିଣ ବୋଇଲେ ପୁଣି ।। ଗୃହଭଣ୍ଡା
ରେନେ ଦାସୀମାନେ ଗଲେ । ସାଧବପୁତ୍ରେଯାଇ ସେମିଳଲେ ।। ବୋଇଲେ
ଆଟରା ଶୁଣ ସାଧବାଣୀ । ନଅ ଦେଇଛନ୍ତି ତୁମ୍ଭ ଭଉଣୀ ।। ସାଧବାଣୀ
ଦେଖି ଆନନ୍ଦ ହୋଇ । ଗୁଡ଼ ଘରଠାରେ ଯାଆ ଲୋ ଥୋଇ ।।
କେତେବେଳକେ ପୁଅ ଯେ ଅସିଲେ । ଖାଇବା ପାଇଁଗୋଳ ଲଗାଇଲେ
କଣ ଦେଇଅଛି ମାଉସୀଘର । ଲାଗିଦେଇ ଖାଅ ସବୁ କୁମର ।। ପୁଅ-
ମାନେ ସବୁ ଦଉଡ଼ିଗଲେ । ଉପରୁ ଗୃହଭୁଣ୍ଡେ ଢାଳେ ଥୋଇଲେ ।। ହାତ
ଖଣ୍ଡ ଖଣ୍ଡ କାଟିଛି ଯାହା । ଆଖୁଖଣ୍ଡ ଖଣ୍ଡ ହୋଇଛି ତାହା ଆଙ୍ଗୁଳି ପାପୁଲି ·

Digitized by srujan ka@gmail.com

କାଟିଛି ଯେତେ । ଅଦା ଫଡ଼ା ଫଡ଼ା ହୋଇଛି ସେତେ ॥ ଆଖୁ ଅଦା ଖଣ୍ଡ ଥିଲକ ଯେତେ । ସୁଅ ପେ ଖାଇଲେ ଆନନ୍ଦ ଚିତ୍ତେ ॥ ଦୁଦ୍ଧଆ ଓଷାର ମହିମା ଯେତେ । ଓଷାଇତିମାନେ ଶୁଣ ସୁଚିତ୍ତେ ॥ ଆଗୁ ଅଦାରେ ହାଡ ଦେବେ ରଖି । ଦୁ୍ୟଷ୍ଟବାହନ ତୁଷ୍ଟ ହେବେ ଦେଖି ।

ସପ୍ତମ ଛାନ୍ଦ

ଏଥୁ ଅନନ୍ତରେ ଦୁଇ ଭଉଣୀ । ତାହାଙ୍କଲେ କନ୍ଦନ ସରେ ପୁଣି ॥ ଦନେ ଭୁଣ୍ଡ ହୋଇ ସବୁ କୁମର । ମାଡ଼ାଇବାଲେ ଗଲେ ମାଉସୀ ଘର ॥ ମାଉସୀ ମନରେ ହୋଇ ଉହତ । ମାଇଲ୍ ବୋଲି ମଣିଥିଲ୍ ହତ ॥ ପୁତ୍ରମାନେ କରନ୍ତି ଓଳଗି । କଲ୍ୟାଣ କଲ୍ ସେ ମନରେ ବେଗି ॥ ଦେଖିଣ ମନେ କଲା ମହାଚେତ । ବୋଇଲି ଏଥର କାଟିବି ମାଂସ ॥ ସେହି ରୂପେ ଡ଼ାକ ମାଉବା ସ୍ଥାନ । ମାଡ଼ିବା ବେଳକୁ ଦୁ୍ୟଷ୍ଟବାହନ ॥ ପୁତ୍ରମାନଙ୍କୁ କେଣେ ନେଲେ ହରି । ମାଡ଼ୁ ା କୁମରକୁ ମାଉସୀ ମାରି ॥ କ୍ରୋଧେ ଟିକି ଟିକି ମାଂସ କାଟିଲି । ମୁଗ ଚଣା ସୋଲ୍ ପରି ଥୋଇଲି ॥ ଗୃଗୁଡ଼ାରେ ଭରି ପୋଇଲି ନେଲେ । ସାଧବାଣୀ ଘରେ ତୁରତ ଦେଲେ ॥ ପୋଇଲି ବୋଲେ ଆଗୋ ସାଧବାଣୀ । ଗୃଗୁଡ଼ା ଦେଇଛି ତୁମ୍ଭ ଭଉଣୀ ॥ ଗୃଗୁଡ଼ା ଥୋଇ ପୋଇଲିଏ ଗଲେ । ଦାଣ୍ଡକୁଲ୍ ପୋଏ ଘରେ ପଇଲେ ॥ ପୁଅମାନଙ୍କୁ ସାଧବାଣୀ କହି । ମାଉସୀ ଅଛି କ କ ମାନ ଦେଇ ॥ ଦେଖି କରି ତୁମ୍ଭେ ଖାଅରେ ଦାରୁ । ଦୁ୍ୟଷ୍ଟବାହନଙ୍କ କରୁଣା ସବୁ ॥ ଦେଖିଲେ ମୁଗ ବଡ଼ଚଣା ସୋଲ୍ । ଏକ ମାଂସ ଥିନ ରୂପ ହୋଇଲି ॥ ଦେଖି ପୁଅମାନେ ହରଷ ହେଲେ । ସମସ୍ତେ ଜାଣ୍ଟି ଭୁଞ୍ଜିଣ ବସିଲେ ॥ ଦୁ୍ୟଷ୍ଟବାହନଙ୍କ ମହିମା ଏତେ । ସପ୍ତମ ଛନ୍ଦ ଶୁଣ ହେ ସୁଚିତ୍ତେ ॥

ଅଷ୍ଟମ ଛାନ୍ଦ

ଏମନ୍ତେ କେତେଦିନ ଗଲ୍ ବହି । ପୁତ୍ରମାନେ ମାଉସୀ ଘରେ ଯାଇ ॥ ଦେଖିଣ ମାଉସୀ ହେଲି କାତର । ପୁଣିତ ଜୀଇଁ ଅଛନ୍ତି ପାମର ॥ ପୁଣି ଡ଼ାକ ନେଲି ଗୁପତେ କରି । ଖଣ୍ଡରେ ଯେରି ଆରେ ବାନ୍ଧ କରି ॥ ମାଡ଼ିଲି କୋପେ ହୋଇ ଚଣ୍ଡିକ । ସବୁ ପୁଅଙ୍କର ଭାଙ୍ଗିଲି ଦାନ୍ତ ॥ ଅନ୍ତ କାଟିଣ

Digitized by srujan ka@gmail.com

ପକାଇଲା ତହିଁ । ଅନ୍ତ ଦାନ୍ତ କରି ଗୃଣ୍ଡୁଡ଼ା ଭରି ॥ ପୋଇଲି ହାତେ ପଠାଇଣ ଦେଲା । ସେ ଯାଇ ସାଧବାଣୀକି ଭେଟିଲା ॥ ସାଧବାଣୀ ବୋଲେ ବୁଝନ୍ତି ମୁହିଁ । ଦେଇଯାଅ ଥୋଇ ଦେଖିବି ଯାଇ ॥ ଥୋକା ଏକ ବେଳେ ବାଳକମାନେ । ମିଳିଲେ ଆସି ମାଢ଼ା ସନ୍ନିଧାନେ ॥ ମାଢ଼ା ବୋଇଲେରେ ବାଳକୁମର । ବୁହାଇ ଆଣିଲ ମାଉସୀ ଘର ॥ ଏବେ କିସ ଦେଇ ଅଛନ୍ତି ପୁଣି । ସବୁମନେ ମୁହଁଢା ଠାରେ ଲଣୀ ॥ ମାଢ଼ାଙ୍କ ବଚନେ ଟୋପାଏ ଧାଇଁଲେ । ଗୃଣ୍ଡୁଡ଼ା ଫିଟାଇ ଖାଇ ବସିଲେ ॥ ଉତ୍ତମ ମକା ହୋଇଅଛି ଦାନ୍ତ । କନ୍ଦମୂଳ ହୋଇପଡ଼ିଛି ଅନ୍ତ ॥ ଦୁଷ୍ଟବାହନଙ୍କୁ ସୁମର ମନ । ମକା କନ୍ଦମୂଳ କଲେ ଭୋଜନ ॥ ଓଷାଇତିମାନେ ଏ କଥା ଶୁଣି । ମକା କନ୍ଦମୂଳ ଛୁଇଁବେ ପୁଣି ॥ ଯେଉଁ ପରୁଷ ଧର୍ମନିରଞ୍ଜନ ସେହି ସିନା ରୂପେ ଦୁଷ୍ଟବାହନ ॥

ନବମ ଛାନ୍ଦ

ଏଥୁଅନନ୍ତରେ ଶୁଣ ସୁଜନ । ମାଉସୀ ଘରକୁ ଗଲେ ନନ୍ଦନ ଦେଖି ମାଉସୀର ଭୁଡ଼ିଲା ଜ୍ଞାନ । ବୋଇଲା ହଲାପାଇଲେ ଜୀବନ ॥ ପୁଣି ରୋଷ ହୋଇ ପୁଣି ମାଇଲା । ଚେକ ଚେକ ଫଡ଼ା ଫଡ଼ା ସେ କଲା ॥ ଥୋକାଏ ତହିଁ ଫଡ଼ାଫଡ଼ା କଲା । ପୋଇଲି ହାତେ ପଠାଇଣ ଦେଲା ॥ ସାଧବାଣୀଙ୍କି ପୋଇଲି କହଇ । ଉଉଣୀ ତୁମ୍ଭର ବେଭାର ଦେଇ ॥ ସେ ମୋତେ ବହୁତ ସଙ୍ଗୋଳିଅଛି । ପୁତୁରାମାନଙ୍କୁ ଗେଲ କରୁଛି ॥ ମାଉସୀ ତେ ଗୃଣ୍ଡା ଦେଇଥିଲା ॥ ପୋଇଲି ଦେଇ ବାହୁଡ଼ିଣ ଗଲା ॥ ମାଢ଼ା ବୋଇଲାରେ ଶୁଣ ବାଳକ । ଖାଅ ଯାଇ ପେଟେ କରୁଛି ଭୋକ ॥ କରମଙ୍ଗା ସଙ୍ଗେ କେଇଣ୍ଡା କୋଳି । ଖାଆନ୍ତି ପୂଏଡ଼ କରନ୍ତି କେଳି ॥ ଚେକ ଚେକ ପାହା ଥୋଇ ସେ ଥିଲା । ପଦ୍ମପୁଷ୍କର ପ୍ରାପ୍ତକ ହୋଇଲା ଓଷାଇତିମାନେ ଏହା ଶୁଣିଲେ ଏ ତିନି ଦ୍ରବ୍ୟ ଛୁଇଁବେଟି ଭଲେ ॥ ଏମନ୍ତ ଦୁଷ୍ଟବାହନଙ୍କ ରସ । ଗୀତେ ଛାନ୍ଦେ ପୁରୁଷୋତ୍ତମ ଦାସ ॥

ଦଶମ ଛାନ୍ଦ

ଏଥୁଁ ଶୁଣ ଏବେ ଏମନ୍ତ ବାର୍ତ୍ତା । ଦଶ ଦିନ ମୁଣ୍ଡୁଆଠାବରୁ ବର୍ତ୍ତି ॥ ଦୁଷ୍ଟବାହନଙ୍କ କରୁଣା ଯେଣୁ । ବଞ୍ଚିଲେ ଏମାନେ ନ ମଲେ ତେଣୁ ॥

Digitized by srujan ka@gmail.com

ଆଉ ଏକ ଦିନ ସେହି ପ୍ରକାରେ । ପହଞ୍ଚିଲେ ଯାଇ ମାଉସୀ ଘରେ ॥ ବଗୁର ବୋଇଲା ମାଇଲି ଏତେ । ଜୀଇଁ ଆସୁଛନ୍ତି କେବଣ ମତେ ॥ ଏବେ କି କରିବ ନେବ ଜୀବନ । କାଟି ପକାଇଲି ସବୁରି କାନ ॥ ପୁଣି ସବୁରି ହାତ ଗୋଡ଼ ଗଣ୍ଠି ପଠାଇ ଦେଲା ମାଉସୀ କତି ॥ ସାଧବାଣୀ ବୋଇଲେ ଦେଖିବ ପଛେ । ଖେଳି ଆସନ୍ତି ମୋ ବାଳୁତ ବତ୍ସେ ॥ ଥୋଇ ଦେଇଯାଅ ଗମ୍ଭୀରଘରେ । ଅଇଲେପୋଏଖାଇବେ ସତ୍ୱରେ ॥ କେତେ ବେଳକେ ପୋଏ ଯେ ଅଇଲେ । ମାଉସୀର ବେଗ ଭୁଞ୍ଜି ବସିଲେ । କାଢ଼ି ଆଣି ତାହା ଦେଖୁ ବହନ । କାନ ଯାକ ସବୁ ହୋଇଛି ପାନ ଚଉ ହାତ ଗୋଡ଼ ହୋଇଛି ଯାହା । କଦଳୀ କଣ୍ଠାରୁ ହୋଇଛି ତାହା । ଗଣ୍ଠିମାନ ସବୁ କାକୁଡ଼ି ହୋଇ ॥ ଦୁତିବାହନଙ୍କ ମହିମା ଏହି ॥ ଏ ଛନ୍ଦ କଥା ଯହିଁ ଶେଷ ହେବ । ପାନ କାକୁଡି ସମସ୍ତେ ଛୁଇବ, ଦୁତିବାହନ ମହିମା ଅଶେଷ, ଗୀତ ଛାନ୍ଦେ ପୁରୁଷୋତ୍ତମ ଦାସ ।

ଏକାଦଶ ଛାନ୍ଦ

ଅନେକ ମତେ ନ ମଲେକୁମରେ ॥ ବଡ଼ ଚିନ୍ତିତ ଶିଆଳି ମନରେ ॥ ଦୁତିବାହନଙ୍କ ଧର୍ମର ବଳ । ମରଣୁ ବଞ୍ଚିଲେ ସାଧବବାଳେ ॥ ଏକ ଦିନକରେ ଦାସୀକି ଚାଇ । ବୋଇଲା ଆଲୋ ଦେଖି ଆସ ଯାଇଁ ॥ ତାହା ଶୁଣି ଦାସୀ ବହନ ଗଲା । ସାଧବାଣୀ ପୁରର ଯାଇ ଦେଖିଲା ॥ କେଉଁ ପୁଅ ଗୋଟି ଗାଉଛି ଗୀତ । କେ ଅବା କାନ୍ଦୁଛି ଖାଉଛି ଭାତ ॥ କେ ମୁଅ ଅପର ବାଳ ସଙ୍ଗେ । ଧୂଳିଘର କରି ଖେଳଇ ରଙ୍ଗେ ॥ କେହି ମାତା ପାଖେ ଗୋଳ କରୁଛି । କେହି କୋଳେ ବସି ଦୁଧ ଖାଉଛି ॥ ପୋଇଲି ଆସି ଏମାନ କହିଲା । ଶୀଳାବତୀ ମନେ ସନ୍ତାପ କଲା ॥ ପୁଅକୁ ମାରିବା ବିଗୁରଯାକ । ଗୁପତେ ମନ୍ତ୍ରୀ ଶୁଣିଲା କେତେକ ॥ ବହୁତ ଧିକ୍କାର କଲା ସ୍ତ୍ରୀରୀକୁ । ବୋଇଲା କପାଁ ମାରୁ ବାଳୁତଙ୍କୁ ॥ ପୂର୍ବଜନ୍ମ ଦୋଷୁ ବନ୍ଧ୍ୟା ହୋଇଲୁ । ଏବେ ତୁ କାହିଁକି ବାଳକ ମାରୁ ॥ ଭଉଣୀ ପିନା ବନ୍ଧୁସରେ ସାନ । କର୍ମକୁ ଏବେ ବଡ଼ କରି ମାନ ॥ ଏବେ ଚାଲ ତାକୁ କରିବା ସେବା । ସେବା କଲେ ପ୍ରନ୍ଦ ଦାନ ପାଇବା ସମନ୍ତୀ ଶୀଳା-ବତୀ ଦୁହେଁ ସେ ଗଲେ । ସାଧବାଣୀକି ବହୁ ମେବା କଲେ ॥ ସନ୍ତୁଷ୍ଟ

Digitized by srujan ka@gmail.com

ହେଲେ ସାଧବାଣୀ ମନ । କହଇ ସେ ତାଙ୍କୁ ପୂର୍ବର ଜ୍ଞାନ ।। ବୋଇଲେ ଆହେ ଶୁଣ ଶୀଳାବତୀ । ଭଉଣୀ ହୋଇବ ହେବ ପୁତ୍ରବତୀ ।। କାହ୍ନୁଙ୍କର କର ଦ୍ୟୁତିଆର୍ତ୍ତଷା ହୋଇବ ପାଳିଥିବ ପୂର୍ବର ଦଶା । ସେ ଦ୍ୟୁତିବାହନ ଧର୍ମ ପୁରୁଷ । ଗୀତେ ଛନ୍ଦେ ପୁରୁଷୋତ୍ତମ ଦାସ ।।

ଦ୍ୱାଦଶ ଛାନ୍ଦ

ଏଥୁଅନନ୍ତରେ ଶୁଣ କାହ୍ନାଣୀ । ଓଷା କରିଇଲେ ସାନ ଭଉଣୀ ।। ଦ୍ୟୁତିଆର୍ତ୍ତଷା କାହ୍ନୁପର୍ କଲେ । ପୂର୍ବଜନ୍ମ କଥା ମନେ ସ୍ମରିଲେ ।। ପୂଜିଲେ ବେଳେ ହୋଇ ପରସନ୍ନ । ଧର୍ମଗିର ଦେନ ଦ୍ୟୁତିବାହାନ ।। ସାତବରଷର ହୋଇ କ୍ରମର । ପୁଣି କାଠ ଧର୍ମ ସେ କାଠଗର । ଜାଣ୍ଡ ବାଜିଲେ ଶୀଳାବତୀ ଅଙ୍ଗ । ମେଣ୍ଢ଼ୁଦୋଷ ହୋଇଲାକ ଭଙ୍ଗ ।। ପୁତ୍ରବତୀ ଧନବତୀ ହୋଇଲେ । ବଞ୍ଚିଥିବା ଯାଏ ସେ ଓଷା କଲେ ।। ଓଷାଇତା ପୂର ଡ଼ାଳ ଆଣିବ । କାଣ୍ଡ ମାଦବାକୁ ସଜ ହୋଇବ ।। ଶୀଳାବତୀ ସାଧବାଣୀ ଯେ ଦୁଇ । ଦ୍ୟୁତିବାହନ ମନ୍ଦିରେ ଥାଇ ।। ଏ ଗୃହଙ୍କ କୋଠି ପାଟେ ରଖିବ । ଦ୍ୟୁତିବାହନଙ୍କୁ ଧ୍ୟାନ କରିବ ।। ଯାହା ମନରେ ଯେଉଁ କଥା ଥିବ । କଥା ଶୁଣିସାରି ବର ମାଗିବ ।। ଏକୋଇଶ ଦ୍ରବ୍ୟ ପୂଜାଣ ନେବ ପୂଇଡ଼ାଳକୁ ହସ୍ତରେ ଧରିବ ।। ଓଷା ପୂଜାସାରି ଘରକୁ ଯିବ । ସନ୍ଧ ନ ପାହୁଣୁ ସ୍ନାନକରିବ ।। ପୂଜାଦ୍ରବ୍ୟମାନ ପଠେ ବାନ୍ଧିବ । ସନ୍ତୋଷ ହୋଇ ସମସ୍ତେ ଭୁଞ୍ଜିବ ।। ଏମନ୍ତ ପ୍ରକାରେ ଦୁତୀଆ ବଧି । କାହ୍ନୁ କଲେ ଲୋକ ପାଇବ ନିଧି ।। ଦ୍ୟୁତିବାହାନଙ୍କ ମହିମା ହୋଇ । ପୁରୁଷୋତ୍ତମ ଦାସ କହେ ଗୀତେ ଜଥାଶେଷ ହେଲା ମେଲାଣି ଦିଅ । ଆନନ୍ଦ ମନେ ହୁଳହୁଳି ଦିଅ ।।

—

* ସ ମା ପ୍ତ *

ବ୍ରହ୍ମପୁର ସନ୍ନ୍ୟାସୀ ପ୍ରେସ୍‌ରେ ଶ୍ରୀ ବିଶ୍ୱନାଥ ସାହୁଙ୍କ ଦ୍ୱାରା ମୁଦ୍ରିତ

Digitized by srujan ka@gmail.com

ବିଜ୍ଞାପନ

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

ପ୍ରାପ୍ତିସ୍ଥାନ

ସନ୍ନ୍ୟାସୀ ପୁସ୍ତକାଳୟ

[illegible]

Digitized by srujan ka@gmail.com